## ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ପତ୍ର ସଂଖ୍ୟା ୮୨୨ /ସୂ.ଲୋ.ସଂ ୧୫-୦୮-୨୦୧୮

### ୭୨ତମ ସ୍ୱାଧୀନତା ଦିବସ ଢେଙ୍କାନାଳରେ ପାଳିତ

ଢେଙ୍କାନାଳ, ତା ୧୫/୦୮/୨୦୧୮ ରିଖ :- ଢେଙ୍କାନାଳ ସଦର ମହକୁମାରେ ୭୨ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ସ୍ୱାଧୀନତା ଦିବସର ମୁଖ୍ୟ ଅତିଥି ରାଜ୍ୟ ପରିଷଦ ସଦସ୍ୟ ଶ୍ରୀ ଜି.ଭି.ଭି. ଶର୍ମା ଢେଙ୍କାନାଳ ପୁଲିସ୍ ମଇଦାନରେ ସକାଳ ୮ଟା ୧୫ ମି. ସମୟରେ ଜାତୀୟ ପତାକା ଉତ୍ତୋଳନ କରି ପ୍ୟାରେଡ୍‌ର ଅଭିବାଦନ ଗ୍ରହଣ କରିଥିଲେ । ପୁଲିସ୍ ମଇଦାନରେ ଉପସ୍ଥିତ ଜନସାଧାରଣଙ୍କୁ ସେ ଉଦ୍‌ବୋଧନ ଦେଇଥିଲେ । ସେ କହିଥିଲେ ସ୍ୱାଧୀନତା ଦିବସ ଆମ ସମସ୍ତଙ୍କ ପାଇଁ ଏକ ମହାନ ଦିବସ । ବିଶ୍ୱ ଇତିହାସରେ ଭାରତର ସ୍ୱାଧୀନତା ଦିବସ ଏକ ମହାନ ସଂଗ୍ରାମ ଓ ଅଭୂତପୂର୍ବ ଘଟଣା । ଯେଉଁ ମହାମନିଷୀ, ସ୍ୱାଧୀନତା ସଂଗ୍ରାମୀ ଓ ଶହୀଦମାନଙ୍କ ପାଇଁ ଦେଶ ସ୍ୱାଧୀନ ହେଲା, ସେମାନଙ୍କ ପ୍ରତି ସେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଜାତିର ପିତା ମହାତ୍ମା ଗାନ୍ଧି, ଲାଲବାହାଦୁର ଶାସ୍ତ୍ରୀ, ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ମୌଲାନା ଆବୁଲ୍ କାଲାମ ଆଜାଦ, ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ଓ ଦେଶ ଏବଂ ରାଜ୍ୟର ସ୍ୱାଧୀନତା ସଂଗ୍ରାମୀ, ଶହୀଦମାନଙ୍କ ପ୍ରତି ସେ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଢେଙ୍କାନାଳ ଜିଲ୍ଲାର ଗର୍ବ ଶହୀଦ ବୀର ବାଜି ରାଉତ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସାରଙ୍ଗଧର ଦାସ, ମହେଶ ଚନ୍ଦ୍ର ସୁବାହୁ ସିଂ, ମୁଣ୍ଡା ମଲ୍ଲିକ ଓ ବୀର ବୈଷ୍ଣବ ପଟ୍ଟନାୟକଙ୍କ ପ୍ରତି ସେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ଦେଶ ସ୍ୱାଧୀନ ହେବା ପରେ ବିଭିନ୍ନ କ୍ଷେତ୍ରରେ ବହୁ ଉନ୍ନତି ଘଟିଛି । ବର୍ତ୍ତମାନ ବିଶ୍ୱ ଦରବାରରେ ଭାରତ ଏକ ସମ୍ମାନଜନକ ସ୍ଥାନ ଅଧିକାର କରିପାରିଛି । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ଅର୍ଥନୀତି ଓ ଅନ୍ୟାନ୍ୟ କ୍ଷେତ୍ରରେ ଭାରତର ପ୍ରଭୂତ ଉନ୍ନତି ହୋଇଛି । ଭାରତ ବିଶ୍ୱର ପ୍ରମୁଖ ଦେଶ ଭାବେ ମାନ୍ୟତା ପାଇ ଗୌରବ ଅର୍ଜ୍ଜନ କରିଛି ।

ଆମ ରାଜ୍ୟ ଓଡ଼ିଶା ମଧ୍ୟ ପ୍ରଗତି ପଥରେ ଆଗେଇ ଚାଲିଛି । ଆମ ରାଜ୍ୟର ଗରିବ, ଚାଷୀ, ଶ୍ରମିକ ଓ ମହିଳାମାନଙ୍କର ଉନ୍ନତି ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି । ଗ୍ରାମାଞ୍ଚଳର ଉନ୍ନତି ପାଇଁ ରାଜ୍ୟ ସରକାର ବିଶେଷ ଧ୍ୟାନ ଦେଇ ଗାଁକୁ ଭଲ ରାସ୍ତା, ପିଇବା ପାଣି ଓ ବିଜୁଳି ଯୋଗାଣ, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ପଦକ୍ଷେପ ନେଉଛନ୍ତି । ଯୁବକ ଯୁବତୀମାନଙ୍କୁ ସେମାନଙ୍କର

ଦକ୍ଷତାର ପୂର୍ଣ୍ଣ ବିକାଶର ସୁଯୋଗ ଦେବା ପାଇଁ ରାଜ୍ୟ ଯୁବନୀତି ପ୍ରଣୟନ କରାଯାଇ ନିଯୁକ୍ତି ମିଶନ ମାଧ୍ୟମରେ ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ଓ ଆତ୍ମନିଯୁକ୍ତି ପାଇଁ ତାଲିମ ଦିଆଯାଉଛି । କ୍ରୀଡ଼ାର ବିକାଶ ପାଇଁ ଓ ଖେଳାଳୀମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ରାଜ୍ୟ ସରକାର ବିଶେଷ ବ୍ୟବସ୍ଥା କରିବା ସହିତ ପ୍ରତି ଗ୍ରାମ ପଞ୍ଚାୟତରେ ଗୋଟିଏ ଖେଳ ପଡ଼ିଆ କରିବା ଲକ୍ଷ୍ୟ ରଖି ପ୍ରତି ବ୍ଲକରେ ବିଜୁ ଯୁବ ବାହିନୀ ଯୋଜନାର କାର୍ଯ୍ୟକାରୀ କରାଯାଉଛି ।

ରାଜ୍ୟ ସରକାର ଆଜିର ଏହି ପବିତ୍ର ସ୍ୱାଧୀନତା ଦିବସ ଅବସରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଏହି ଯୋଜନାରେ ବିଜୁ କୃଷକ କଲ୍ୟାଣ ଯୋଜନା ଓ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ଅନ୍ତର୍ଗତ ପ୍ରତ୍ୟେକ କାର୍ଡ଼ଧାରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କାର ବୀମା ଯୋଜନା ଓ ପରିବାର ସହ ମହିଳା ସଦସ୍ୟଙ୍କ ନିମନ୍ତେ ୭ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ଯୋଜନା ରହିଛି । ଏହି ଯୋଜନାରେ ୭୦ ଲକ୍ଷରୁ ଊର୍ଦ୍ଧ୍ୱ ପରିବାର ଉପକୃତ ହେବେ, ରାଜ୍ୟର ସମୁଦାୟ ଜନସଂଖ୍ୟାର ୭୦% ଲୋକଙ୍କୁ ସ୍ୱାସ୍ଥ୍ୟ ବୀମା ସୁବିଧା ଯୋଜନାର ପରିକଳ୍ପନା କରାଯାଇଛି । ଓଡ଼ିଶାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ କାର୍ଯ୍ୟକାରୀ ହେଉଥିବା ବେଳେ ରାଜ୍ୟ ସରକାର ନିଜସ୍ୱ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକାରୀ ନିମନ୍ତେ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହାଦ୍ୱାରା ରାଜ୍ୟର ଗରିବ ଓ ଅସହାୟ ଲୋକମାନେ ବିଶେଷ ଉପକୃତ ହୋଇପାରିବେ । ରାଜ୍ୟରେ ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ଗରିବ, ଅସହାୟ ଶିଶୁ ଓ ମହିଳାମାନଙ୍କୁ ଆଇନଗତ ସହାୟତା ଯୋଗାଇ ଦିଆଯାଇ ତ୍ୱରିତ ବିଚାର ଓ ମକଦ୍ଦମା ଫଇସଲା ପାଇଁ ପଦକ୍ଷେପ ନିଆଯାଉଛି । ଆଇନରେ ଉର୍ଦ୍ଧ୍ୱରେ କେହି ନୁହନ୍ତି ବୋଲି ଶ୍ରୀ ଶର୍ମା ପ୍ରକାଶ କରିବା ସହିତ ବେଆଇନ କାର୍ଯ୍ୟ କରୁଥିବା ଲୋକଙ୍କୁ ଉଚିତ ଦଣ୍ଡ ପ୍ରଦାନ କରାଯାଉଥିବା କହିଥିଲେ ।

ଢେଙ୍କାନାଳ ଷ୍ଟାଡ଼ିୟମଠାରେ ଅନୁଷ୍ଠିତ ସ୍ୱାଧୀନତା ଦିବସ ପ୍ୟାରେଡ଼ରେ କୋବଲ ରିଜର୍ଭ ପୋଲିସ, ଓଏସ୍‌ଏପି, ଗୃହରକ୍ଷୀ ଓ ପୋଲିସ ବ୍ୟାଣ୍ଡ ଅଂଶ ଗ୍ରହଣ କରିଥିଲେ । ରିଜର୍ଭ ଇନସ୍‌ପେକ୍ଟର ଶ୍ରୀ ବିବେକାନନ୍ଦ ନାଗ ପ୍ୟାରେଡ଼ ପରିଚାଳନା କରିଥିଲେ । ଚଳିତ ବର୍ଷ ପ୍ରବଳ ବର୍ଷା ଓ ବନ୍ୟାପାଣିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ଏହି ପ୍ୟାରେଡ଼ରେ ଅଂଶ ଗ୍ରହଣ କରିବାକୁ ବାରଣ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ଶର୍ମା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ୧୦ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷର ଥିବା କାର୍ଡ଼ ବଣ୍ଟନ କରିଥିଲେ । ପ୍ୟାରେଡ଼ ଉତ୍ସବ ପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ କକ୍ଷକୁ ଉଦ୍‌ଘାଟନ କରିଥିଲେ । ଶ୍ରୀ ଯଜ୍ଞନାରାୟଣ କର ସ୍ୱାଧୀନତା ଦିବସ ପ୍ୟାରେଡ଼ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

ସ୍ୱାଧୀନତା ଦିବସ ଉପଲକ୍ଷେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରୋଗୀମାନଙ୍କୁ ଶ୍ରୀ ସୁଧୀର ଅପ୍ କମିଟିଙ୍କ ସୌଜନ୍ୟରୁ ଫଳ ବଣ୍ଟନ କରାଯାଇଥିଲା ।

# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ପତ୍ର ସଂଖ୍ୟା ୮୨୨ /ସୂ.ଲୋ.ସଂ ୧୪/୦୮/୨୦୦୮



ଢେଙ୍କାନାଳ ଜେଲ୍ ବନ୍ଦୀମାନଙ୍କୁ ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ୍, ଢେଙ୍କାନାଳଙ୍କ ସୌଜନ୍ୟରୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ସ୍ୱାସ୍ଥ୍ୟ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ଅଭିନନ୍ଦନ ଗାର୍ଡେନଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ରୋଟାରୀ କ୍ଲବ୍ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଢେଙ୍କାନାଳଙ୍କ ପକ୍ଷରୁ ସ୍ଥାନୀୟ ରୋଟାରୀ କ୍ଲବ ପରିସରରେ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ବଧିର - ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଅକ୍ଷମ କଲ୍ୟାଣ ସମିତି ପକ୍ଷରୁ ମିଷ୍ଟାନ୍ନ ବଣ୍ଟନ ଓ ଗୋବିନ୍ଦପୁର ନିକଟସ୍ଥ ଜ୍ୟୋତିନଗରଠାରେ ଭରସା ଅନ୍ତେବାସୀ ଓ ଭିନ୍ନକ୍ଷମମାନଙ୍କୁ ଏବଂ ହସ୍ତକୁନ୍ତଳ ଶିଶୁ ଗୃହ ଓ ଆଦୃତା ଅନୁଷ୍ଠାନର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

ସ୍ୱାଧୀନତା ଦିବସର ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟରେ ସକାଳେ ଗାନ୍ଧି ପାର୍କଠାରେ ମହାତ୍ମା ଗାନ୍ଧିଙ୍କ ପ୍ରତିମୂର୍ତ୍ତି, ସିଭିଲ୍ କୋର୍ଟ ଛକସ୍ଥିତ ଉତ୍କଳ ଗୌରବ ମଧୁସୂଦନଙ୍କ ପ୍ରତିମୂର୍ତ୍ତି, ବସ୍‌ଷ୍ଟାଣ୍ଡ ସ୍ଥିତ ଶହୀଦ ସ୍ତମ୍ଭ, ବାଜିଚୌକସ୍ଥିତ ଶହୀଦ ସ୍ମୃତିସ୍ତମ୍ଭ, ଟାଉନ ହଲ ସ୍ଥିତ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି, କଚେରୀ ସାମ୍ନାସ୍ଥିତ ଡଃ ଆମ୍ବେଦକରଙ୍କ ଶ୍ରୀ ବଳରାମ ମନ୍ଦିର ଛକସ୍ଥିତ ସାରଙ୍ଗଧର ନାୟକଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଗଣ ମାଲ୍ୟାର୍ପଣ କରିଥିଲେ,

ସ୍ୱାଧୀନତା ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଢେଙ୍କାନାଳ ଜିଲ୍ଲାପାଳ ଶ୍ରୀ ନିଖିଲ୍ ପବନ କଲ୍ୟାଣ, ଆରକ୍ଷୀ ଅଧୀକ୍ଷକ ଶ୍ରୀ ସନ୍ତୋଷ କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରଜନୀକାନ୍ତ ପଟ୍ଟନାୟକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନରୋତ୍ତମ ବେହେରା, ଉପଜିଲ୍ଲାପାଳ ଶ୍ରୀ ପିତାମ୍ବର ସାମଲ, ନଗରପାଳ ଶ୍ରୀ ସୁଧାଂଶୁ କୁମାର ବଳେଇ, ବିଭିନ୍ନ ବିଭାଗର ଅଧିକାରୀ କର୍ମଚାରୀ, ମାନ୍ୟଗଣ୍ୟ ବ୍ୟକ୍ତି ଓ ଗଣମାଧ୍ୟମର ପ୍ରତିନିଧିଗଣ ପ୍ରମୁଖ ଯୋଗ ଦେଇଥିଲେ ।

୬୨ତମ ସ୍ୱାଧୀନତା ଦିବସ, ୨୦୦୮ ସମସ୍ତ କାର୍ଯ୍ୟକ୍ରମ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ ହେମନ୍ତ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳନା କରାଯାଇଥିଲା ।

ହେମନ୍ତ କୁମାର ନାୟକ ୧୫/୮/୨୦୦୮

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ
ଢେଙ୍କାନାଳ